# Akashvani, Sambalpur

## SAMBALPURI NEWS BULLETIN

### 9 August 2025 - 6.47- 6.52 am.

*********************************************

ଅଗଷ୍ଟ କ୍ରାନ୍ତି ଦିବସ୍-ଜନଜାତି ଦିବସ୍     ଆର୍ଏନ୍ୟୁ ସମ୍ବଲପୁର୍

ଦେଶର୍ ସ୍ୱାଧୀନତା ସଂଗ୍ରାମର ସବୁନୁ ବଡ଼ ବ୍ରିଟିଶ ବିରୋଧୀ ଆନ୍ଦୋଳନ୍ ଆଝିର୍ ଦିନେ ମୁଳ୍ ହେଇଥିଲା । ଆଝିର୍ ଆନ୍ଦୋଳନ୍‌କେ ଅଗଷ୍ଟ କ୍ରାନ୍ତି ଦିବସ୍ ଭାବେ ସାରା ଦେଶେ ପାଳନ୍ କରାଯାଉଛେ । ୧୯୪୨ ମସିହା ଆଝିର୍ ଦିନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର୍ ଭାରତ୍‌ଛାଡ଼୍ ଆନ୍ଦୋଳନ୍ ଡାକ୍‌ରାଥି ସାରା ଦେଶେ ବ୍ରିଟିଶ୍ ସାମ୍ରାଜ୍ୟ ବିରୋଧ୍ ନ ଦେଶ୍‌ବାସୀ ଜୋର୍‌ଦାର୍ ଉଲ୍‌ଗୁଲାନ୍ କରିଥିଲେ ।

ସେନ୍ତା ଆଏଜ୍ ହେଉଛେ ଆନ୍ତର୍ଜାତୀୟ ଜନଜାତି ଦିବସ୍ । ପୁର୍‌ଥିର୍ ଭିନ୍ ଭିନ୍ ଦେଶର୍ ଜନଜାତି ଲୁକ୍‌କର୍ ଅଧିକାର୍ ଆର୍ ସୁରକ୍ଷା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌କେ ଜାତିସଂଘର୍ ସାଧାରଣ ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଇ ଦିନ୍ ପାଳନ୍ କରାଯାଉଛେ ।

ସୁଭଦ୍ରା     I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ଠାନେ ଆଏଜ୍ ରାକ୍ଷୀପୁନି ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ବାଂଟ୍‌ବେ । ଗୁଟେ ସମାରୋହଥି ୧ କୋଟିନୁ ଅଏତ୍‌କା ହିତାଧିକାରୀଙ୍କୁ ଏକାସାଙ୍ଗେ ସୁଭଦ୍ରା ଟଙ୍କା ବଂଟାଯିବା । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜୟପୁର୍ ଶିଶୁମନ୍ଦିର୍ ନ ରକ୍ଷାବନ୍ଧନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଆଜିରର୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସଙ୍ଗେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଉ ଅଲ୍‌ଗାମାନେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ସ୍ୱାୟତ ଶାସନ୍ ଦିବସ୍ I&PR

ଅଗଷ୍ଟ୍ ୩୧ ତାରିଖ୍ ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ରାଜ୍ୟ ସର୍‌କାର୍ ସବୁଜ ୱାର୍ଡ଼ ଅଭିଯାନ୍ ମୁଲ୍ କର୍‌ବାର୍‌କେ ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଅଗଷ୍ଟ ୨୫ ନୁ ୩୦ ତାରିଖ୍‌ତକ୍ ସ୍ୱାୟତ ଶାସନ୍ ଦିବସ୍ ପ୍ରାକ୍ ଉତ୍ସବ୍ ପାଲନ୍ କର୍‌ବାର୍ ଲାଗି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ମହାନଗର୍ ନିଗମ୍ ଆଉ ପୌରସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ଅବ୍‌ସରେ ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ୍‌ଥି ଗଛ୍ ଜଗାବାର୍, ସଚେତନତା ଶୋଭାଯାତ୍ରା, ଗରିମା କାର୍ଯ୍ୟକ୍ରମ୍‌ର ସୂଚନା, ଶିକ୍ଷା ଆଉ ପ୍ରସାର୍

ବ୍ୟବସ୍ଥା, ସହଯୋଗ୍ କାର୍ଯ୍ୟକ୍ରମ୍, ହର୍ଘର୍ ତ୍ରିରଙ୍ଗ ଆର୍ ସଫେଇ ଅଭିଯାନ୍ କରାଯିବା ।

ହର୍ଘର୍ ତ୍ରିରଙ୍ଗା ଅଭିଯାନ ଆର୍ଏନ୍ୟୁ/ ସମ୍ବଲପୁର

ଦେଶ୍ ଆଏବା ୧୫ ତାରିଖ୍ ଦିନ ସ୍ୱାଧୀନତାର୍ ୭୮ ବଛର୍ ପାଲନ୍ କର୍ବା । ଇ ଅବ୍ସରେ ହର୍ଘର୍ ତ୍ରିରଙ୍ଗା ଅଭିଯାନ୍ ଆଏଜ୍ଠାନୁ ସ୍ୱାଧୀନତା ଦିବସ୍ତକ୍ ଚାଲ୍ବା । ଜାତୀୟ ପତାକାକେ ସମ୍ମାନ୍ ଜନେଇକରି ଦେଶର୍ ସବୁ ନାଗରିକ୍ ନିଜର୍ ଘରେ ଜାତୀୟ ପତାକା ଉଡ଼େଇକରି ସ୍ୱାଧୀନତା ଦିବସ୍ ପାଲନ୍ କର୍ବାର୍ଟା ଇ ଅଭିଯାନ୍ ମୁଖ୍ୟ ଲକ୍ଷ୍ୟ ଆଏ ।

ସ୍ୱାସ୍ଥ୍ୟମନ୍ତ୍ରୀ-ସମୀକ୍ଷା I&PR

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ କଟକ୍ ଏସ୍ସିବି ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ନ କାମ୍ କାଜ୍, ରୋଗୀସେବା ଆଉ ବିକାଶ୍ ବାବଦ୍ ସମୀକ୍ଷା କରିଛନ୍ । ଏସ୍ସିବି ମେଡ଼ିକାଲ୍ କଲେଜ୍କେ ରାଷ୍ଟ୍ରୀୟ ମାନଦଣ୍ଡ ଅନ୍ସାରେ ଗୁଟେ ସେଂଟର୍ ଅଫ୍ ଏକ୍ସିଲେନ୍ସ ଭାବେ

ଗଠନ୍ କର୍‌ବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ରୋଗୀମାନେ ଯେନ୍ତା ଠିକ୍ ଭାବେ ଚିକିତ୍ସା ସୁବିଧା ପାଇପାର୍‌ବେ ସେତାକେ ନଜର୍‌ଥି ରଖିକରି ଅଏତ୍‌କା ବେଡ୍ ବ୍ୟବସ୍ଥା, ଆଧୁନିକ୍ ଯନ୍ତ୍ରପାତି ଆଉ ଡିଜିଟାଲ୍ ବ୍ୟବସ୍ଥା ଥାପ୍‌ନା ସୁନିଶ୍ଚିତ୍ କର୍‌ବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ I&PR

ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ନିଜର୍ ବିଭାଗ୍‌ର ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ଫିʼ ମାସ ୩୦ ଟା ବ୍ଲକ୍ ଆଉ ୩ ଟା ଜିଲ୍ଲା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେଇକରି ସମୀକ୍ଷା କରାଯିବା ବଲି ମନ୍ତ୍ରୀ କହିଛନ୍ । ୨ ଶହ ୭ ଟା ପାନୀୟ ଜଳ ପ୍ରକଳ୍ପ ଧାରିଜ୍ ସମିଆଥି କାମ୍ ସାର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଗହ୍ମାପୁନି, ରାକ୍ଷୀପୁନି ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାଏ ବହେନ୍‌କର୍ ଭିତ୍‌ରେ ପ୍ରେମ୍ ଆଉ ବନ୍ଧନ୍‌ର ପରବ୍ ରାକ୍ଷୀ ପୁନି ଆଏଜ୍ ପାଲନ୍ କରାଯାଉଛେ । ବହେନ୍‌ମାନେ ଭାଏ ମାନ୍‌କର୍

ମଙ୍ଗଲ୍ ମନାସି କରି ତାଙ୍କର୍ ହାତେ ରାକ୍ଷୀ ବାନ୍ଧ୍‌ସନ୍ । ପୁରୀ ଶ୍ରୀମନ୍ଦିର୍ ନ ଭିଲ୍ ରାକ୍ଷୀ ପୁନି ଅବ୍‌ସରେ ଖାସ୍ ନୀତିକାନ୍ତି କରାଯିବା । ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍‌ର ଗୁଟେ ରିପୋର୍ଟ...

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

ଭାଏ ବହେନ୍‌କର୍ ଭିତ୍‌ରେ ପ୍ରେମ୍ ଆଉ ବନ୍ଧନ୍‌ର ପରବ୍ ରାକ୍ଷୀ ପୁନି ଆଏଜ୍ ସବୁଆଡ଼େ ବଡ଼ା ଉସତ୍, ଉସ୍‌ନାକିଥି ପାଲନ୍ କରାଯାଉଛେ । ରାକ୍ଷୀ ପୁନି ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦେବୀ ସୁଭଦ୍ରା - ଦୁଇ ଭାଇ ଶ୍ରୀ ବଳଭଦ୍ର ଆର୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ହାତେ ରାଖି ବାନ୍ଧ୍‌ବେ । ପ୍ରଭୁ ଶ୍ରୀ ବଳଭଦ୍ର ଆର୍ ଶ୍ରୀଜଗନ୍ନାଥଙ୍କୁ ୨ଟା ଲେଖା ପାଟ ରାକ୍ଷୀ ଆର୍ ୨ ଟା ଲେଖା ଗୁଆମାଳ ପିନ୍ଧାଯିବା । ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଗହ୍ମା ପୂର୍ଣ୍ଣିମା ଆଉ ବଡ଼ ମାହାପୁରୁ ଶ୍ରୀବଳଭଦ୍ରଙ୍କର୍ ଜନ୍ମୋତ୍ସବ୍ ଲାଗି ଭିଲ୍ ସ୍ୱତନ୍ତ୍ର ନୀତି ଧାରିଜ୍ କରାଯାଇଛେ ।

ସେନ୍ତା ସମ୍ବଲପୁରର ଶ୍ରୀ ଶ୍ରୀ ବ୍ରହ୍ମପୁରା ମନ୍ଦିର୍ ସହେତେ ଅଲ୍‌ଗା ଗୁଡ଼ି ଆର୍ ମଠ ମାନ୍‌କେ ଆଏଜ୍ ସଖାଲୁ ଇଥିର୍‌ଲାଗି ଭକ୍ତମାନ୍‌କର୍ ଭିଡ଼୍ ଦେଖିବାର୍‌କେ ମିଲିଛେ ।

ଇତାର୍‌ଛଡ଼ା ଗାଁଗହଲ୍‌ନ ଗହ୍ମାପୁନି ଅବ୍‌ସରେ ଗାଇଗୋରୁଙ୍କର୍ ପୂଜା ଅର୍ଚ୍ଚନା କରାଯାଉଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାକ୍ଷୀପୁନି ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗହ୍ମା ପୂନି ଆଉ ପ୍ରଭୁ ବଳଦେବଙ୍କର୍ ଜନମ୍ ଦିନ୍ ଅବ୍‌ସରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ୍ ଅଭିନନ୍ଦନ୍ ଆର୍ ଶୁଭେଚ୍ଛା ଜନେଇଛନ୍ ।

ଗଙ୍ଗାଧର୍ ମେହେର- ଜୟନ୍ତୀ ଆର୍‌ଏନ୍‌ୟୁ /ସମ୍ବଲପୁର

ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଆଏଜ୍ ଜନମ୍‌ଦିନ୍ । ୧୮୬୨ ମସିହା ଶରାବନ୍ ପୁନି ଦିନ ଇ ଯୋଗଜନ୍ମା କବି ଅବିଭକ୍ତ ସମ୍ବଲ୍‌ପୁର୍ ଜିଲ୍ଲାର୍ ବର୍‌ପାଲି ନ ଜନମ୍ ହେଇଥିଲେ । ଆଲୋକ ଆଉ ଅମୃତର କବି କୁହାଯାଉଥିବା ଗଙ୍ଗାଧର୍ ମେହେର୍‌ଙ୍କର୍ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଧ ଆର୍ ଅର୍ଘ୍ୟଥାଳି କବିତା ଗ୍ରନ୍ଥ ତାଙ୍କର୍ ସାରସ୍ୱତ ସାଧନାର ଅମର ସୃଷ୍ଟି ଆଏ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ତାଙ୍କର୍ ଜନମ୍ ସ୍ଥାନ୍ ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ସହେତେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆଉ ଭିନ୍ ଭିନ୍ ଜାଗା ନ ସ୍ୱତନ୍ତ୍ର ଉତ୍ସବ୍ ସମାରୋହ ଆୟୋଜନ୍ କରାଯାଇଛେ ।

ଜିଲ୍ଲାପାଲ୍ ବୈଠକ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ବେଟି ବଚାଓ, ବେଟି ପଢ଼ାଓ ଯୋଜ୍ନା କାର୍ଯ୍ୟକାରୀ କର୍ବାର୍ ଲାଗି ଜିଲ୍ଲାପାଲ୍ ନୃପରାଜ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ବୈଠକ୍ ହେଇଯାଇଛେ । ଯୋଜ୍ନାକେ କାର୍ଯ୍ୟକାରୀ କର୍ବାର୍ ଲାଗି ସବୁ ବିଭାଗ୍ ତାଲ୍ମେଲ୍ ରଖ୍ବାର୍ ଲାଗି ବୈଠକ୍ଥି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ । ଇ ଅବ୍ସରେ ଜିଲ୍ଲା ସମାଜ୍ କଲ୍ୟାଣ୍ ଅଧିକାରୀଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।